## ଇସାକ୍‌ର ଶବକୁ ପୁଲିସ୍ ପୋଡ଼ିଦେବା ଘଟଣା

# ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ



ଇସାକ୍ ଡିଗାଲଙ୍କ ଫାଇଲ୍ ଫଟୋ

ଭୁବନେଶ୍ୱର, ୧୮।୬/ଏନ୍‌ଏନ୍‌ଏସ୍:

ସ୍ଥାନୀୟ ସାଲିଆସାହି ଇସାକ ମୃତ୍ୟୁ ଘଟଣାରେ କମିଶନରେଟ୍ ପୁଲିସକୁ ରିପୋର୍ଟ ତଲବ କରିଛନ୍ତି ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)। ଆସନ୍ତା ସାତ ଦିନ ମଧ୍ୟରେ ଘଟଣା ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଇସାକ୍‌ଙ୍କ ବାପା ପବିତ୍ର ଡିଗାଲଙ୍କ ସମେତ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ଗତକାଲି ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା।

ମାନବାଧିକାର କମିଶନଙ୍କ ନିକଟରେ ପବିତ୍ର ହାଜର ହୋଇ ଥାନାରେ କରିଥିବା ଅଭିଯୋଗକୁ ଦୋହରାଇ ଥିଲେ। ତାଙ୍କ ମୃତ ପୁଅ ନିଖୋଜ ହେବାଠାରୁ ଆରମ୍ଭ କରି ମଙ୍ଗଳାବାଗ୍ ଥାନା ପୁଲିସ ତା' ମୃତଦେହକୁ କିଛି ନଜଣାଇ ପୋଡ଼ି ଦେବା ପର୍ଯ୍ୟନ୍ତ ଘଟଣାକୁ ନେଇ ପବିତ୍ର ଓଏଚ୍‌ଆର୍‌ସିଙ୍କ ନିକଟରେ ଲିଖିତ ଅଭିଯୋଗ କରି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଓଏଚ୍‌ଆର୍‌ସିଙ୍କୁ ନିବେଦନ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ କମିଶନ୍ କମିଶନରେଟ୍ ପୁଲିସ୍‌କୁ ରିପୋର୍ଟ ତଲବ କରିଛନ୍ତି।

▶▶ ୬